# Asian School of Business Management

ASBM®

**NEW PAPER:** Dharitri

**DATE:** 20.09.2018

**PAGE:** 11

ଧରିତ୍ରୀ

DHARITRI

## ଏଏସ୍‌ବିଏମ୍‌କୁ ଶ୍ରେଷ୍ଠ ବି-ସ୍କୁଲ ମାନ୍ୟତା



ଭୁବନେଶ୍ୱର,୧୯।୯

ଏସିଆନ ସ୍କୁଲ୍ ଅଫ୍ ବିଜନେଶ ମ୍ୟାନେଜମେଣ୍ଟ(ଏଏସ୍‌ବିଏମ୍)କୁ ଶ୍ରେଷ୍ଠ ବି-ସ୍କୁଲ ମାନ୍ୟତା ପ୍ରଦାନ କରାଯାଇଛି। ଏଭରଗ୍ରୀନ ଫୋରମ ଦ୍ୱାରା ଇଞ୍ଜିନିୟର୍ସ ଡେ ଉପଲକ୍ଷେ ଓଡିଶା ଟେକ୍ନୋଲୋଜି କନକ୍ଲେଭ୍ ପକ୍ଷରୁ ଏଏସ୍‌ବିଏମ୍‌କୁ ଏହି ପୁରସ୍କାର ମିଳିଛି। ଭିତିଭୂମି, ଉନ୍ନତମାନର ଶିକ୍ଷା ପଦ୍ଧତି, ଅଭିଜ୍ଞ ଫାକଲଟି, ଉନ୍ନତର ଗବେଷଣା ଏବଂ ଗୁଣବତ୍ତା ଲାଗି ପ୍ରତିଷ୍ଠାନକୁ ଏଭଳି ମାନ୍ୟତା ମିଳିଥିବା ଏହା ସୂଚନା ଦେଇଛି। ରାଜ୍ୟ ମହିଳା ଏବଂ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏହି ଅବସରରେ ଏଏସ୍‌ବିଏମ୍‌ର ପ୍ରତିଷ୍ଠାତା ଏବଂ ନିର୍ଦ୍ଦେଶକ ପ୍ରଫେସର ବିଶ୍ୱଜିତ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ। ରାଜ୍ୟର ଏକମାତ୍ର ପ୍ରତିଷ୍ଠାନ ଭାବେ ଏଏସ୍‌ବିଏମ୍ ଅନ୍ତର୍ଜାତୀୟ ଆକ୍ରିଡେଟେଶନ ଲାଭ କରିଛି। ଆମେରିକାର ଆକ୍ରିଡେଟେଶନ କାଉନସିଲ ଫର ବିଜନେଶ ସ୍କୁଲସ୍ ପ୍ରୋଗ୍ରାମ ପକ୍ଷରୁ ଏହାକୁ ମାନ୍ୟତା ମିଳିଛି। ନିକଟରେ ବିଜନେସ ଇଣ୍ଡିଆ ଜାତୀୟ ବି-ସ୍କୁଲ ସର୍ଭେରେ ଏହା ଏ ଟ୍ରିପଲ୍ ପ୍ଲସ ମାନ୍ୟତା ପାଇଛି। ଏହା କାଲିଫର୍ନିଆ ଷ୍ଟେଟ୍ ୟୁନିଭର୍ସିଟି, ଇଷ୍ଟର୍ନ ମିଚିଗାନ୍‌ୟୁନିଭର୍ସିଟି, ମେଟ୍ରୋପଲିଟାନ୍‌ଷ୍ଟେଟ ୟୁନିଭର୍ସିଟି, ନଟିଂହାମ ୟୁନିଭର୍ସିଟି ଇତ୍ୟାଦି ସହ ସହବନ୍ଧିତ ରହିଥିବା ପ୍ରକାଶ କରିଛି।